रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**
**ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6**

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବଭଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲାଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିୟୁପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାର ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ପ୍ରସୂତି ପ୍ରସୁବିଧା ଅଧିନିୟମ, 1961

1961ର ଅଧିନିୟମ ସଂଖ୍ୟା 53

**କେତେକ ସଂସ୍ଥାରେ ସନ୍ତାନ ଜନ୍ମ ପୂର୍ବରୁ ଏବଂ ପରେ କେତେକ କାଳାବଧି ପାଇଁ ସ୍ତ୍ରୀ ଲୋକମାନଙ୍କର ନିଯୁକ୍ତିକୁ ବିନିୟମିତ କରିବାକୁ ଏବଂ ପ୍ରସୂତି ପ୍ରସୁବିଧା ଏବଂ ଅନ୍ୟ କେତେକ ପ୍ରସୁବିଧା ପାଇଁ ଉପବନ୍ଧିତ କରିବାକୁ ଏକ ଅଧିନିୟମ**

(17 ଡିସେମ୍ବର, 1961)

ଭାରତ ଗଣରାଜ୍ୟର ଦ୍ୱାଦଶ ବର୍ଷରେ ସଂସଦ ଦ୍ୱାରା ଏହା ନିମ୍ନୋକ୍ତ ରୂପେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ, ବିସ୍ତାର ଏବଂ ପ୍ରାରମ୍ଭ ।

1. (1) ଏହି ଅଧିନିୟମ ପ୍ରସୂତି ପ୍ରସୁବିଧା ଅଧିନିୟମ, 1961 ନାମରେ ଅଭିହିତ ହେବ ।

(2) ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସମଗ୍ର ଭରତ ପ୍ରତି ବିସ୍ତାରିତ ଅଟେ ।

(3) ସରକାରୀ ଗେଜେଟରେ ଯେଉଁ ତାରିଖ :—

(କ) ଅଶ୍ୱାରୋହଣ କୌଶଳ, ଦୈହିକ କୌଶଳ ଏବଂ ଅନ୍ୟ କୃତ୍ୟମାନ ପ୍ରଦର୍ଶନ ପାଇଁ ଯେଉଁ ଖଣି ଏବଂ ଅନ୍ୟ କୌଣସି ସଂସ୍ଥାରେ ବ୍ୟକ୍ତିମାନେ ନିଯୁକ୍ତ ଥାନ୍ତି, ସେ ସବୁ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଦ୍ୱାରା; ଏବଂ

(ଖ) ରାଜ୍ୟରେ ଥିବା ଅନ୍ୟ ସଂସ୍ଥା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଗେଜେଟରେ ଏଥି ନିମିତ୍ତ ଅଧିସୂଚିତ ହେବ ଏହା ସେହି ତାରିଖରେ ପ୍ରବୃତ୍ତ ହେବ ।

ଅଧିନିୟମର ପ୍ରୟୋଗ ।

2. (1) ପ୍ରଥମତଃ—

(କ) ସରକାରଙ୍କର ହୋଇଥିବା ସେପରି କୌଣସି ପ୍ରତିଷ୍ଠାନ ସମେତ ଖଣି, କାରଖାନା ବା ବଗିଚ୍ଛ ହୋଇଥିବା ପ୍ରତ୍ୟେକ ପ୍ରତିଷ୍ଠାନ ଏବଂ ଯେଉଁ ସଂସ୍ଥାରେ ଅଶ୍ୱାରୋହଣ, କୌଣସି ଦୈହିକ କୌଶଳ ଏବଂ ଅନ୍ୟ କୃତ୍ୟମାନ ପ୍ରଦର୍ଶନ କରିବାକୁ ବ୍ୟକ୍ତିମାନେ ନିଯୁକ୍ତ ଥାଆନ୍ତି ସେପରି ପ୍ରତ୍ୟେକ ପ୍ରତିଷ୍ଠାନକୁ ;

(ଖ) ରାଜ୍ୟରେ ଥିବା ପ୍ରତିଷ୍ଠାନ ଏବଂ ଦୋକାନଗୁଡ଼ିକ ସଂପର୍କରେ ତତ୍‌ସମୟ ପ୍ରବୃତ୍ତ କୌଣସି ବିଧିର ଅର୍ଥାନ୍ତର୍ଗତ ପ୍ରତ୍ୟେକ ପ୍ରତିଷ୍ଠାନକୁ ଓ ଦୋକାନକୁ ଯେଉଁଠି 10 ବା ଅଧିକ ବ୍ୟକ୍ତି ପୂର୍ବୋକ୍ତ ବାରମାସ ମଧ୍ୟରେ କୌଣସି ଦିନ ନିୟୋଜିତ ଥିବେ ବା ନିୟୋଜିତ ହୋଇଥିଲେ ତାହାପ୍ରତି ଏହା ପ୍ରଯୋଜ୍ୟ ହେବ :

ପରନ୍ତୁ କେନ୍ଦ୍ର ସରକାରଙ୍କର ଅନୁମୋଦନ କ୍ରମେ ରାଜ୍ୟ ସରକାର ଏପରି କରିବାକୁ ତାଙ୍କ ଅଭିପ୍ରାୟର ଏକ ଅନ୍ୟୂନ ଦୁଇମାସିଆ ନୋଟିସ ଦେବା ପରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଘୋଷଣା କରିପାରିବେ ଯେ ଏହି ଅଧିନିୟମର ସମସ୍ତ ବା କୌଣସି ଉପବନ୍ଧମାନ ଅନ୍ୟ କୌଣସି ଔଦ୍ୟୋଗିକ, ବାଣିଜ୍ୟିକ, କୃଷିକ ବା ଅନ୍ୟ ସଂସ୍ଥା ବା ଶ୍ରେଣୀର ସଂସ୍ଥାକୁ ମଧ୍ୟ ଲଗୁ ହେବ ।

(2) ଧାରା 5-କ ଓ 5-ଖରେ ଅନ୍ୟଥା ଉପବନ୍ଧିତ ହୋଇଥିବା ବ୍ୟତିରେକେ, ଏହି ଧାରାରେ ଥିବା କୌଣସି ବିଷୟ କର୍ମଚାରୀ ରାଜ୍ୟ ବୀମା ଅଧିନିୟମ, 1948ର ଉପବନ୍ଧମାନ ଯେଉଁ କାରଖାନା ବା ଅନ୍ୟ ସଂସ୍ଥାକୁ ତତ୍‌ସମୟ ପାଇଁ ଲଗୁ ଅଟେ, ତାହାକୁ ଲଗୁ ହେବନାହିଁ ।

ସଂଜ୍ଞା

3. ପ୍ରସଙ୍ଗ କ୍ରମେ ଅନ୍ୟଥା ଆବଶ୍ୟକ ହେଉ ନଥିଲେ, ଏହି ଅଧିନିୟମରେ :—

(କ) "ସମୁଚିତ ସରକାର" କହିଲେ ଖଣି ହୋଇଥିବା କୌଣସି ସଂସ୍ଥା ବା ଅନ୍ୟ କୌଣସି ସଂସ୍ଥା ଯହିଁରେ ଅଶ୍ୱାରୋହଣ କୌଶଳ, ଦୈହିକ କୌଶଳ ଏବଂ ଅନ୍ୟ କୃତ୍ୟମାନ ପ୍ରଦର୍ଶନ କରିବା ପାଇଁ ବ୍ୟକ୍ତିମାନେ ନିଯୁକ୍ତ ହୋଇଥାନ୍ତି ତାହା ସଂକ୍ରାନ୍ତରେ କେନ୍ଦ୍ର ସରକାର ଏବଂ ଅନ୍ୟ କୌଣସି ସଂସ୍ଥା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ବୁଝାଇବ,

(ଖ) "ଶିଶୁ" ମୃତ ଜାତ ଶିଶୁକୁ ଅନ୍ତର୍ଭୁକ୍ତ କରେ,

(ଗ) "ପ୍ରସବ" କହିଲେ ସନ୍ତାନ ଜନ୍ମକୁ ବୁଝାଇବ,

(ଘ) "ନିଯୋକ୍ତା" କହିଲେ,—

(i) ସରକାରଙ୍କ ନିୟନ୍ତ୍ରଣାଧୀନ ଥିବା କୌଣସି ସଂସ୍ଥା ସଂକ୍ରାନ୍ତରେ କର୍ମଚାରୀମାନଙ୍କର ପର୍ଯ୍ୟବେକ୍ଷଣ ଏବଂ ନିୟନ୍ତ୍ରଣ ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତିଙ୍କୁ ବା ପ୍ରାଧିକାରୀଙ୍କୁ କିମ୍ବା କୌଣସି ବ୍ୟକ୍ତି ବା ପ୍ରାଧିକାରୀ ସେପରି ନିଯୁକ୍ତ ହୋଇନଥିବା ସ୍ଥଳେ ବିଭଗର ମୁଖ୍ୟଙ୍କୁ ବୁଝାଇବ,

(ii) କୌଣସି ସ୍ଥାନୀୟ ପ୍ରାଧିକାରୀ ଅଧୀନସ୍ଥ କୌଣସି ସଂସ୍ଥା ସଂକ୍ରାନ୍ତରେ କର୍ମଚାରୀମାନଙ୍କର ପର୍ଯ୍ୟବେକ୍ଷଣ ଏବଂ ନିୟନ୍ତ୍ରଣ ପାଇଁ ସେପରି ପାଧିକାରୀଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତିଙ୍କୁ କିମ୍ବା ସେପରି କୌଣସି ବ୍ୟକ୍ତି ନିଯୁକ୍ତ ହୋଇ ନଥିବା ସ୍ଥଳେ ସ୍ଥାନୀୟ ପ୍ରାଧିକାରୀଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ବୁଝାଇବ,

(iii) ଅନ୍ୟ କୌଣସି ସ୍ଥଳେ ଯେଉଁ ବ୍ୟକ୍ତି ବା ପ୍ରାଧିକାରୀଙ୍କର ସଂସ୍ଥାର କାର୍ଯ୍ୟକଳାପ ଉପରେ ଚରମ ନିୟନ୍ତ୍ରଣ ଥାଏ ତାହାଙ୍କୁ ଏବଂ ଯେଉଁ ସ୍ଥଳେ ଉକ୍ତ କାର୍ଯ୍ୟକଳାପ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନ୍ୟସ୍ତ କରାଯାଇଥାଏ ଯେ କି ହୁଏତ ମେନେଜର, ମେନେଜିଂ ଡାଇରେକ୍ଟର, ମେନେଜିଂ ଏଜେଣ୍ଟ ନାମରେ ବା ଅନ୍ୟ କୌଣସି ନାମରେ ହେଉ ଅଭିହିତ ହୋଇଥିବେ ସେଠାରେ ସେପରି ବ୍ୟକ୍ତିଙ୍କୁ ବୁଝାଇବ;

(ଙ) "ସଂସ୍ଥା" କହିଲେ,——

(i) କାରଖାନାକୁ,

(ii) ଖଣିକୁ,

(iii) ବଗିଚ୍ଛକୁ,

(iv) ଯେଉଁ ସଂସ୍ଥାରେ ଅଶ୍ୱାରୋହଣ କୌଶଳ, ଦୈହିକ କୌଶଳ ଏବଂ ଅନ୍ୟ କୃତ୍ୟମାନ ପ୍ରଦର୍ଶନ କରିବାପାଇଁ ବ୍ୟକ୍ତି ନିଯୁକ୍ତ ହୁଅନ୍ତି, ସେହି ସଂସ୍ଥାକୁ,

(iv-କ) କୌଣସି ଦୋକାନ ବା ପ୍ରତିଷ୍ଠାନକୁ, ବା

(v) ଯେଉଁ ସଂସ୍ଥାକୁ ଏହି ଅଧିନିୟମର ଉପବନ୍ଧମାନ ଧାରା 2ର ଉପଧାରା (1) ଅଧୀନରେ ଲଗୁ ହେବାକୁ ଘୋଷଣା କରାହୋଇଥାଏ ତାହାକୁ, ବୁଝାଇବ ।

(ଚ) "କାରଖାନା" କହିଲେ କାରଖାନା ଅଧିନିୟମ, 1948ର ଧାରା 2ର ଖଣ୍ଡ (ଢ଼)ରେ ସଂଜ୍ଞାକୃତ କାରଖାନାକୁ ବୁଝାଇବ,

(ଛ) "ନିରୀକ୍ଷକ" କହିଲେ ଧାରା 14 ଅଧୀନରେ ନିଯୁକ୍ତ ନିରୀକ୍ଷକଙ୍କୁ ବୁଝାଇବ,

(ଜ) "ପ୍ରସୂତି ପ୍ରସୁବିଧା" କହିଲେ ଧାରା 5ର ଉପଧାରା (1)ରେ ନିର୍ଦ୍ଦେଶିତ ସଂଦାୟକୁ ବୁଝାଇବ,

(ଝ) "ଖଣି" କହିଲେ ଖଣି ଅଧିନିୟମ, 1952 ର ଧାରା 2ର ଖଣ୍ଡ (ଜ)ରେ ସଂଜ୍ଞାକୃତ ଖଣିକୁ ବୁଝାଇବ,

(ଞ) "ଗର୍ଭପାତ" କହିଲେ ଗର୍ଭାବସ୍ଥାରେ ଷଡ଼ବିଂଶ ସପ୍ତାହ ପର୍ବରୁ ବା ମଧ୍ୟରେ କୌଣସି କାଳରେ ଗର୍ଭବତୀ ଗର୍ଭାଶୟରେ ଥିବା ଅନ୍ତର୍ବସ୍ତୁର ନିଷ୍କାସନକୁ ବୁଝାଇବ କିନ୍ତୁ ଯେଉଁ ଗର୍ଭପାତ କରାଇବା ଭାରତୀୟ ଦଣ୍ଡ ସଂହିତା ଅଧୀନରେ ଦଣ୍ଡନୀୟ ଅଟେ ତାହାକୁ ଅନ୍ତର୍ଭୁକ୍ତ କରିବ ନାହିଁ ।

(ଟ) "ବଗିଚ୍ଛ" କହିଲେ ବଗିଚ୍ଛ ଶ୍ରମ ଅଧିନିୟମ, 1951ର ଧାରା 2ର ଖଣ୍ଡ (ଚ) ରେ ସଂଜ୍ଞାକୃତ ବଗିଚ୍ଛକୁ ବୁଝାଇବ ;

(ଠ) "ବିହିତ" କହିଲେ ଏହି ଅଧନିୟମ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତକୁ ବୁଝାଇବ ;

(ଡ଼) ସଂଘ ରାଜ୍ୟ କ୍ଷେତ୍ର ସଂକ୍ରାନ୍ତରେ "ରାଜ୍ୟ ସରକାର" କହିଲେ ତାହାର ପ୍ରଶାସକଙ୍କୁ ବୁଝାଇବ ;

(ଢ଼) "ମଜୁରି" କୌଣସି ସ୍ତ୍ରୀ ଲୋକଙ୍କୁ ନଗଦ ଆକାରରେ ଦିଆହୋଇଥିବା କିମ୍ବା ଯଦି ନିଯୁକ୍ତି ସଂବିଦାର ନିବନ୍ଧନମାନ ଅଭିବ୍ୟକ୍ତ ଭାବେ ବା ଲକ୍ଷଣିକ ଭାବେ ପୂରଣ ହୋଇଥାଏ, ତେବେ ଦେୟ ହୋଇଥିବା ସମସ୍ତ ପାରିଶ୍ରମିକକୁ ବୁଝାଇବ ; ଏବଂ

(1) ସ୍ତ୍ରୀ ଲୋକ ଭାବେ ତତ୍‌ସମୟ ହକଦାର (ମହଙ୍ଗା ଭତ୍ତା ଏବଂ ଘର ଭଡା ଭତ୍ତା ସମେତ) ସେପରି ନଗଦ ଭତ୍ତାକୁ ;

(2) ପ୍ରୋତ୍ସାହ ବୋନସକୁ; ଏବଂ

(3) ଖାଦ୍ୟଶସ୍ୟ ଏବଂ ଅନ୍ୟ ପଦାର୍ଥମାନଙ୍କର ରିୟାତି ଯୋଗାଣର ଆର୍ଥିକ ମୂଲ୍ୟକୁ ଅନ୍ତର୍ଗତ କରେ ;

କିନ୍ତୁ

(*i*) ପ୍ରୋତ୍ସାହ ବୋନସ ଭିନ୍ନ ଅନ୍ୟ ବୋନସକୁ ;

(*ii*) ଅତିକାଳିକ ଅର୍ଜନ ଏବଂ ଜୋରିମାନା ହେତୁରୁ କରା ହୋଇଥିବା କୌଣସି କର୍ତ୍ତନ ବା ସଂଦାୟକୁ,

(*iii*) ନିଯୋକ୍ତା ଦ୍ୱାରା କୌଣସି ପେନସନ ନିଧିକୁ ବା ଭବିଷ୍ୟନିଧିକୁ ବା ତତ୍ସମୟ ପ୍ରବୃତ୍ତ କୌଣସି ବିଧି ଅଧୀନରେ ସ୍ତ୍ରୀ ଲୋକର ପ୍ରସୁବିଧା ପାଇଁ ଦିଆହୋଇଥିବା ବା ଦେୟ କୌଣସି ଅଂଶଦାନକୁ; ଏବଂ

(*iv*) ସ୍ୱକିରିର ପରିସମାପ୍ତିରେ ଦେୟ କୌଣସି ଗ୍ରାଚ୍ୟୁଟିକୁ ଅନ୍ତର୍ଗତ କରେ ନାହିଁ ;

(ଣ) "ସ୍ତ୍ରୀ ଲୋକ" କହିଲେ କୌଣସି ସଂସ୍ଥାରେ ମଜୁରି ପାଇଁ ପ୍ରତ୍ୟକ୍ଷ ଭାବେ ବା କୌଣସି ଏଜେନ୍ସି ଜରିଆରେ ନିଯୋଜିତ କୌଣସି ସ୍ତ୍ରୀ ଲୋକଙ୍କୁ ବୁଝାଇବ,

କେତେକ ନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ ସ୍ତ୍ରୀ ଲୋକର ନିଯୁକ୍ତି ବା ସ୍ତ୍ରୀ ଲୋକ ଦ୍ୱାରା କାର୍ଯ୍ୟ କରାଇବାର ନିଷେଧ ।

4. (1) କୌଣସି ନିଯୋକ୍ତା କୌଣସି ସ୍ତ୍ରୀ ଲୋକଙ୍କୁ ତାହାର ପ୍ରସବ ଦିବସର ବା ତାର ଗର୍ଭପାତ ଦିବସର ଅବ୍ୟବହିତ ପରବର୍ତ୍ତୀ ଛଅ ସପ୍ତାହ କାଳ ମଧ୍ୟରେ କୌଣସି ସଂସ୍ଥାରେ ଜାଣିଶୁଣି ନିଯୁକ୍ତ କରିବେ ନାହିଁ ।

(2) କୌଣସି ସ୍ତ୍ରୀ ଲୋକ ତା'ର ପ୍ରସବ ଦିବସର ବା ତା'ର ଗର୍ଭପାତ ଦିବସର ଅବ୍ୟବହିତ ପରବର୍ତ୍ତୀ ଛଅ ସପ୍ତାହ ମଧ୍ୟରେ କୌଣସି ସଂସ୍ଥାରେ କାର୍ଯ୍ୟ କରିବେ ନାହିଁ,

(3) ଧାରା 6 ର ଉପବନ୍ଧର ପ୍ରତିକୂଳ ନ ହୋଇ କୌଣସି ଗର୍ଭବତୀ ସ୍ତ୍ରୀ ଲୋକ ଏତଦର୍ଥେ ତାହା ଦ୍ୱାରା କରାହୋଇଥିବା ଅନୁରୋଧରେ ଉପଧାରା (4)ରେ ଉଲ୍ଲିଖିତ କାଳାବଧି ମଧ୍ୟରେ କଠିନ ପ୍ରକୃତିର ହୋଇଥିବା କୌଣସି କାର୍ଯ୍ୟ ବା ବହୁତ ଘଣ୍ଟା ଠିଆ ହେବାକୁ ପଡୁଥିବା କୌଣସି କାର୍ଯ୍ୟ ବା ତାହାର ଗର୍ଭାବସ୍ଥାକୁ ବା ଭ୍ରୂଣର ସାଧାରଣ ବିକାଶକୁ କୌଣସି ପ୍ରକାରେ ବାଧା ଦେବାର ସମ୍ଭାବନା ଥିବା ବା ତାହାର ଗର୍ଭପାତ ଘଟାଇବାର ବା ଅନ୍ୟଥା ତାହାର ସ୍ୱାସ୍ଥ୍ୟକୁ ପ୍ରତିକୂଳଭାବେ ପ୍ରଭାବିତ କରିବାର ସମ୍ଭାବନା ଥିବାପରି କୌଣସି କାର୍ଯ୍ୟ କରିବାକୁ ତାହାର ନିଯୋକ୍ତା ଦ୍ୱାରା ଆବଶ୍ୟକ କରାହେବ ନାହିଁ,

(4) ଉପଧାରା (3)ରେ ନିର୍ଦ୍ଦେଶିତ କାଳାବଧି ନିମ୍ନ ପ୍ରକାରେ ହେବ :—

(କ) ତାହାର ପ୍ରତ୍ୟାଶିତ ପ୍ରସବ ତାରିଖ ପୂର୍ବର ଛଅ ସପ୍ତାହ କାଳାବଧିର ଅବ୍ୟବହିତ ପୂର୍ବବର୍ତ୍ତୀ ଏକମାସ କାଳାବଧି;

(ଖ) ଉକ୍ତ ଛଅ ସପ୍ତାହ କାଳାବଧି ମଧ୍ୟରେ ଥିବା କୌଣସି କାଳାବଧି ଯାହା ପାଇଁ ଗର୍ଭବତୀ ସ୍ତ୍ରୀ ଲୋକ ଧାରା 6 ଅଧୀନରେ ଅନୁପସ୍ଥିତ ଛୁଟି ନେଇ ନ ଥାଏ ।

ପ୍ରସୂତି ପ୍ରସୁବିଧାର ସଂଦାୟ ପାଇଁ ଅଧିକାର ।

5. (1) ଏହି ଅଧିନିୟମର ଉପବନ୍ଧ ସାପେକ୍ଷତାରେ ପ୍ରତ୍ୟେକ ସ୍ତ୍ରୀ ଲୋକ ତାହାର ପ୍ରସବର ଅବ୍ୟବହିତ ପୂର୍ବ ଏବଂ ତାହାର ପ୍ରସବ ଦିନ ସମେତ ଏବଂ ସେହି ଦିନର ଅବ୍ୟବହିତ ପରବର୍ତ୍ତୀ କୌଣସି କାଳାବଧି ପାଇଁ ତାହାର ବାସ୍ତବ ଅନୁପସ୍ଥିତି କାଳାବଧିପାଇଁ ହାରାହାରି ଦୈନିକ ମଜୁରି ହାରରେ ପ୍ରସୂତି ପ୍ରସୁବିଧାର ସଂଦାୟ-ପାଇଁ ପ୍ରତ୍ୟେକ ସ୍ତ୍ରୀ ଲୋକ ହକଦାର ହେବ ଏବଂ ତାହାର ନିଯୋକ୍ତା ଦାୟୀ ହେବ ।

ସ୍ପଷ୍ଟୀକରଣ—ଏହି ଉପଧାରାର ପ୍ରୟୋଜନ ନିମିତ୍ତ ହାରାହାରି ଦୈନିକ ମଜୁରି କହିଲେ କୌଣସି ସ୍ତ୍ରୀ ଲୋକ ପ୍ରସୂତି ହେତୁ ସେ ଅନୁପସ୍ଥିତି ଥିବା ତାରିଖର ଅବ୍ୟବହିତ ପୂର୍ବବର୍ତ୍ତୀ ତିନି ପଞ୍ଜିମାସ କାଳାବଧି ମଧ୍ୟରେ ସେ କାମ କରିଥିବା ଦିନମାନଙ୍କ ପାଇଁ ତାଙ୍କୁ ସଂଦେୟ ସ୍ତ୍ରୀ ଲୋକର ମଜୁରିର ହାରହାରି କିମ୍ବା ସର୍ବନିମ୍ନ ହାରରେ ସର୍ବନିମ୍ନ ମଜୁରି ଅଧିନିୟମ, 1948 ଅଧୀନରେ ଧାର୍ଯ୍ୟକୃତ ବା ପରିବର୍ତ୍ତିତ ମଜୁରି କିମ୍ବା ଦଶ ଟଙ୍କା ଉଭୟ ମଧ୍ୟରୁ ଯେଉଁଟି ଅଧିକତମ ହେବ ତାହାକୁ ବୁଝାଇବ ।

(2) କୌଣସି ସ୍ତ୍ରୀ ଲୋକ ପ୍ରସୂତି ପ୍ରସୁବିଧା ପାଇବାକୁ ହକ୍‌ଦାର ହେବେ ନାହିଁ ଯଦି ସେ ଯେଉଁ ସଂସ୍ଥାର ନିଯୋକ୍ତାଙ୍କଠାରୁ ପ୍ରସୂତି ପ୍ରସୁବିଧା ଦାବି କରନ୍ତି ସେହି ସଂସ୍ଥାରେ ତାଙ୍କ ପତ୍ୟାଶିତ ପ୍ରସବ ତାରିଖର ଅବ୍ୟବହିତ ପୂର୍ବ ବାର ମାସରେ ଅନ୍ୟୁନ ଅଶୀଦିନ କାଳାବଧିପାଇଁ ବାସ୍ତବରେ କାର୍ଯ୍ୟ କରି ନ ଥାନ୍ତି:

ପରନ୍ତୁ ଉପରୋକ୍ତ ଅଶୀ ଦିନର ଯୋଗ୍ୟତା କାଳାବଧି ଆସାମ ରାଜ୍ୟକୁ ଆପ୍ରବାସ କରିଥିବା ଏବଂ ଆପ୍ରବାସ ସମୟରେ ଗର୍ଭବତୀ କୌଣସି ସ୍ତ୍ରୀ ଲୋକଙ୍କୁ ଲାଗୁ ହେବ ନାହିଁ ।

ସ୍ପଷ୍ଟୀକରଣ—ସଂସ୍ଥାରେ ଜଣେ ସ୍ତ୍ରୀ ଲୋକ ବାସ୍ତବରେ କେତେ ଦିନ କାମ କରିଥିଲା ସେହିଦିନ ମାନ ଏହି ଉପଧାରା ଅଧୀନରେ ସଂଗଣନା କରିବା ପ୍ରୟୋଜନରେ ପ୍ରତ୍ୟାଶିତ ପ୍ରସବ ତାରିଖର ଅବ୍ୟବହିତ ପର୍ବ ବାରମାସ କାଳାବଧି ମଧ୍ୟରେ ଯେତେଦିନ ତାହାର କାମ ବନ୍ଦୀ କରା ହୋଇଥିଲା ତାହା ବା ତତସମୟ ପ୍ରବୃତ୍ତ କୌଣସି ବିଧି ଅଧୀନରେ ମଜୁରି ସହିତ ଛୁଟିଦିନ ବୋଲି ଘୋଷିତ ଛୁଟିଦିନଗୁଡ଼ିକୁ ହିସାବକୁ ନିଆଯିବ ।

(3) କୌଣସି ସ୍ତ୍ରୀ ଲୋକ ପ୍ରସୂତି ପ୍ରସୁବିଧାକୁ ହକ୍‌ଦାର ଥିବା ସର୍ବନିମ୍ନ କାଳାବଧି ବାର ସପ୍ତାହ ହେବ ଯାହା ତାଙ୍କର ସମ୍ଭବତଃ ପ୍ରସୂତି ତାରିଖ ପୂର୍ବ ଛଅ ସପ୍ତାହରୁ ଅଧିକ ହେବ ନାହିଁ:

ପରନ୍ତୁ ଏହି କାଳ ମଧ୍ୟରେ କୌଣସି ସ୍ତ୍ରୀ ଲୋକ ମୃତ୍ୟୁ ଲଭିବା ସ୍ଥଳେ କେବଳ ତାହାର ମୃତ୍ୟୁଦିନ ପର୍ଯ୍ୟନ୍ତ ଏବଂ ତାହାର ମୃତ୍ୟୁଦିନ ସମେତ ଦିନମାନଙ୍କ ପାଇଁ ପ୍ରସୂତି ପ୍ରସୁବିଧା ଦେୟ ହେବ;

ପୁନଶ୍ଚ ଯେଉଁ ସ୍ଥଳେ କୌଣସି ସ୍ତ୍ରୀ ଲୋକ ଶିଶୁ ପ୍ରସବ କରି ତାହାର ପ୍ରସବ ସମୟରେ ବା ତାହାର ପ୍ରସବ ତାରିଖର ଅବ୍ୟବହିତ ପୂର୍ବବର୍ତ୍ତୀ କାଳାବଧି ମଧ୍ୟରେ ଯେଉଁ କାଳାବଧି ପାଇଁ ସେ ପ୍ରସୂତି ପ୍ରସୁବିଧା ପାଇବାକୁ ହକ୍‌ଦାର ସେ କୌଣସି ଘଟଣାରେ ଯଦି ସନ୍ତାନ ରଖି ମୃତ୍ୟୁ ଲଭେ ତେବେ ସେହି ସମଗ୍ର କାଳାବଧି ପାଇଁ ଯଦି ସନ୍ତାନ ମଧ୍ୟ ଉକ୍ତ କାଳ ମଧ୍ୟରେ ମୃତ୍ୟୁ ଲଭେ ତାହାହେଲେ ସନ୍ତାନର ମୃତ୍ୟୁ ଦିନ ପର୍ଯ୍ୟନ୍ତ ଏବଂ ମୃତ୍ୟୁ ତାରିଖ ସମେତ ଦିନମାନଙ୍କ ପାଇଁ ପ୍ରସୂତି ପ୍ରସୁବିଧା ପାଇଁ ନିଯୋକ୍ତା ଦାୟୀ ହେବେ ।

କେତେକ ଘଟଣାରେ ପ୍ରସୂତି ପ୍ରସୁବିଧାର ପ୍ରଚଳାବସ୍ଥା ।

5-କ. ଏହି ଅଧିନିୟମ ଅଧୀନରେ ପ୍ରସୂତି ପ୍ରସୁବିଧା ପ୍ରଦାନକୁ ହକ୍‌ଦାର ପ୍ରତ୍ୟେକ ସ୍ତ୍ରୀ ଲୋକ ସେ ନିଯୁକ୍ତ ହୋଇଥିବା କାରଖାନା ବା ଅନ୍ୟ ସଂସ୍ଥା ପ୍ରତି କର୍ମଚାରୀ ରାଜ୍ୟ ବୀମା ଅଧିନିୟମ, 1948 ଲାଗୁ ହୋଇଥିଲେ ମଧ୍ୟ ସେ ସେହି ଅଧିନିୟମର ଧାରା 50 ଅଧୀନରେ ପ୍ରସୂତି ପ୍ରସୁବିଧା ଦାବି କରିବାକୁ ଯୋଗ୍ୟ ହେବା ପର୍ଯ୍ୟନ୍ତ ସେଥିପ୍ରତି ହକ୍‌ଦାର ରହିଥିବେ ।

5-ଖ. ପ୍ରତ୍ୟେକ ସ୍ତ୍ରୀ ଲୋକ—

(କ) ଯେ 1948ର କର୍ମଚାରୀ ରାଜ୍ୟ ବୀମା ଅଧିନିୟମର ଉପବନ୍ଧଗୁଡ଼ିକ ଲାଗୁ ହେଉଥିବା କୌଣସି କାରଖାନା ବା ଅନ୍ୟ ପ୍ରତିଷ୍ଠାନରେ ନିଯୁକ୍ତ ଥିବେ;

(ଖ) ଯାହାର ଗୋଟିଏ ମାସର ମଜୁରି (ଅତିକାଳିକ କାମପାଇଁ ପାରିଶ୍ରମିକକୁ ବାଦ୍ ଦେଇ) ସେହି ଅଧିନିୟମର ଧାରା 2ର ଖଣ୍ଡ 9ର ଉପଖଣ୍ଡ (ଖ) ରେ ବିନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ; ଏବଂ

(ଗ) ଯେ ଧାରା 5ର ଉପଧାରା (2)ରେ ବିନିର୍ଦ୍ଦିଷ୍ଟ ସର୍ତ୍ତଗୁଡ଼ିକର ପୂରଣ କରୁଥିବ, ଏହି ଅଧିନିୟମ ଅଧୀନରେ ପ୍ରସୂତି ପ୍ରସୁବିଧାର ସଂଦାୟପାଇଁ ହକ୍‌ଦାର ହେବେ ।

ପ୍ରସୂତି ପ୍ରସୁବିଧା ଦାବିର ଏବଂ ତାହାର ପ୍ରଦାନର ସୂଚନା ।

6. (1) କୌଣସି ସଂସ୍ଥାରେ ନିଯୁକ୍ତ ଏବଂ ଏହି ଅଧିନିୟମର ଉପବନ୍ଧ ଅଧୀନରେ ପ୍ରସୂତି ପ୍ରସୁବିଧାକୁ ହକ୍‌ଦାର କୌଣସି ସ୍ତ୍ରୀ ଲୋକ ତାହାର ନିଯୋକ୍ତାଙ୍କୁ ବିହିତ ହୋଇଥିବା ଫର୍ମରେ ଲିଖିତ ଆକାରରେ ଏହି ଅଧିନିୟମ ଅଧୀନରେ ସେ ହକ୍‌ଦାର ଥିବା ତାହାର ପ୍ରସୂତି ପ୍ରସୁବିଧା ଏବଂ ଅନ୍ୟ କୌଣସି ପରିମାଣ ତାହାକୁ ବା ସୂଚନାରେ ସେ ମନୋନୀତ କରିଥିବା ସେପରି ବ୍ୟକ୍ତିଙ୍କୁ ଦିଆଯାଉ ଏବଂ ସେ ପ୍ରସୂତି ପ୍ରସୁବିଧା ପାଇଥିବା କାଳାବଧି ମଧ୍ୟରେ କୌଣସି ସଂସ୍ଥାରେ କାର୍ଯ୍ୟ କରିବ ନାହିଁ ବୋଲି ଦର୍ଶାଇ ସୂଚନା ଦେଇପାରିବ ।

(2) ଗର୍ଭବତୀ ସ୍ତ୍ରୀ ଲୋକସ୍ଥଳେ, ଏପରି ସୂଚନା ତାହାର ପ୍ରତ୍ୟାଶିତ ପ୍ରସବ ତାରିଖରୁ ଛଅ ସପ୍ତାହର ଆଗରୁ ହୋଇ ନ ଥିବା ଯେଉଁ ତାରିଖ ଠାରୁ ସେ କାର୍ଯ୍ୟରେ ଅନୁପସ୍ଥିତ ରହିବ ତାହା ଦର୍ଶାଇବ ।

(3) କୌଣସି ସ୍ତ୍ରୀ ଲୋକ ସେ ଗର୍ଭବତୀ ହେବାବେଳେ ସୂଚନା ନ ଦେଇଥିଲେ ପ୍ରସବ ପରେ ଯଥାସମ୍ଭବ ଶୀଘ୍ର ସେପରି ସୂଚନା ଦେଇପାରିବ ।

(4) ସୂଚନା ପାଇବା ପରେ, ନିଯୋକ୍ତା ସେପରି ସ୍ତ୍ରୀ ଲୋକଙ୍କୁ ତାହାର ସେ ପ୍ରସୂତି ପ୍ରସୁବିଧା ପାଇଥିବା କାଳାବଧି ପର୍ଯ୍ୟନ୍ତ ପ୍ରତିଷ୍ଠାନରୁ ଅନୁପସ୍ଥିତ ରହିବାକୁ ଅନୁମତି ଦେବେ ।

(5) କୌଣସି ସ୍ତ୍ରୀ ଲୋକ ଗର୍ଭବତୀ ଥିବା ବିଷୟରେ ବିହିତ ହୋଇଥିବା ପ୍ରକାରେ ପ୍ରମାଣ ଦାଖଲ କଲେ ତାହାର ପ୍ରତ୍ୟାଶିତ ପ୍ରସବ ତାରିଖର ପୂର୍ବବର୍ତ୍ତୀ କାଳପାଇଁ ପ୍ରସୂତି ପ୍ରସୁବିଧା ପରିମାଣ ଅଗ୍ରିମ ଆକାରରେ ନିଯୋକ୍ତାଙ୍କ ଦ୍ୱାରା ଉକ୍ତ ସ୍ତ୍ରୀ ଲୋକଙ୍କୁ ଦିଆଯିବ ଏବଂ ପରବର୍ତ୍ତୀ କାଳପାଇଁ ଦେୟ ପରିମାଣ ସ୍ତ୍ରୀ ଲୋକ ସନ୍ତାନ ପ୍ରସବ କରିଥିବା ବିଷୟରେ ବିହିତ ହୋଇଥିବା ପ୍ରକାରେ ପ୍ରମାଣ ଦାଖଲ କରିବାର ଅଠଚାଳିଶ ଘଣ୍ଟା ମଧ୍ୟରେ ସେହି ସ୍ତ୍ରୀ ଲୋକଙ୍କୁ ନିଯୋକ୍ତା ଦ୍ୱାରା ଦିଆଯିବ ।

(୬) ଏହି ଧାରା ଅଧୀନରେ ସୂଚନା ଦେବାରେ ବିଫଳତା କୌଣସି ସ୍ତ୍ରୀ ଲୋକଙ୍କୁ ଏହି ଅଧିନିୟମ ଅନୁଯାୟୀ ପ୍ରସୂତି ପ୍ରସୁବିଧା ବା ଅନ୍ୟ କୌଣସି ପରିମାଣରୁ ବଞ୍ଚିତ କରିବ ନାହିଁ ଯଦି ସେ ଏପରି ପ୍ରସୁବିଧା ବା ଅନ୍ୟ କୌଣସି ପରିମାଣରୁ ଅନ୍ୟଥା ହକ୍‌ଦାର ଅଟନ୍ତି ଏବଂ ଏପରି କୌଣସି ଘଟଣାରେ ନିରୀକ୍ଷକ ତାଙ୍କ ନିଜ ତରଫରୁ ହେଉ ବା ସ୍ତ୍ରୀ ଲୋକ ଦ୍ୱାରା ତାଙ୍କୁ କରାହୋଇଥିବା ଦରଖାସ୍ତ ଉପରେ ହେଉ, ଆଦେଶରେ ଉଲ୍ଲିଖିତ ସେପରି କାଳ ମଧ୍ୟରେ ଏପରି ପ୍ରସୁବିଧା ବା ପରିମାଣର ପ୍ରଦାନପାଇଁ ଆଦେଶ ଦେଇପାରିବେ ।

ସ୍ତ୍ରୀ ଲୋକର ମୃତ୍ୟୁସ୍ଥଳେ ପ୍ରସୂତି ପ୍ରସୁବିଧାର ପ୍ରଦାନ ।

**7.** ଯଦି ଏହି ଅଧିନିୟମ ଅଧୀନରେ ପ୍ରସୂତି ପ୍ରସୁବିଧାକୁ ବା ଅନ୍ୟ କୌଣସି ପରିମାଣକୁ ହକ୍‌ଦାର କୌଣସି ସ୍ତ୍ରୀ ଲୋକ ଏପରି ପ୍ରସୂତି ପ୍ରସୁବିଧାକୁ ବା ପରିମାଣ ପ୍ରାପ୍ତ ହେବା ପୂର୍ବରୁ ମୃତ୍ୟୁ ଲଭନ୍ତି ବା ଯେଉଁସ୍ଥଳେ ଧାରା 5ର ଉପଧାରା (3)ର ଦ୍ୱିତୀୟ ପରନ୍ତୁକ ଅଧୀନରେ ନିଯୋକ୍ତା ପ୍ରସୂତି ପ୍ରସୁବିଧାପାଇଁ ଦାୟୀ ଅଟନ୍ତି ସେ ସ୍ଥଳେ ଧାରା 6 ଅଧୀନରେ ଦିଆଯାଇଥିବା ସୂଚନାରେ ସ୍ତ୍ରୀ ଲୋକ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ଏବଂ ଏପରି କୌଣସି ମନୋନୀତ ବ୍ୟକ୍ତି ନ ଥିବା ସ୍ଥଳେ ତାହାର ବିଧିକ ପ୍ରତିନିଧିଙ୍କୁ ନିଯୋକ୍ତା ସେପରି ପ୍ରସୁବିଧା ବା ପରିମାଣ ଦେବେ ।

ଚିକିତ୍ସୀୟ ବୋନସ୍‌ର ପ୍ରଦାନ ।

**8.** ନିଯୋକ୍ତା ଦ୍ୱାରା ମାଗଣାରେ ଜନ୍ମପୂର୍ବ ପ୍ରସବାବସ୍ଥା ଏବଂ ଜନ୍ମୋତ୍ତର ଯତ୍ନର ବ୍ୟବସ୍ଥା କରାଯାଇ ନ ଥିଲେ ଏହି ଅଧିନିୟମ ଅଧୀନରେ ପ୍ରସୂତି ପ୍ରସୁବିଧାକୁ ହକ୍‌ଦାର ପ୍ରତ୍ୟେକ ସ୍ତ୍ରୀ ଲୋକ ତାହାର ନିଯୋକ୍ତାଙ୍କ ଠାରୁ ଦୁଇଶହ ପଚାଶ ଟଙ୍କାର ଚିକିତ୍ସୀୟ ବୋନସ୍ ପାଇବାକୁ ମଧ୍ୟ ହକଦାର ହେବ ।

ଗର୍ଭପାତ ପାଇଁ ଛୁଟି ।

**9.** ଗର୍ଭପାତସ୍ଥଳେ ଜଣେ ସ୍ତ୍ରୀ ଲୋକ ବିହିତ ହୋଇଥିବା ସେପରି ପ୍ରମାଣ ଦାଖଲ କଲେ ତା'ର ଗର୍ଭପାତର ଅବ୍ୟବହିତ ପରବର୍ତ୍ତୀ ଛଅ ସପ୍ତାହ କାଳପାଇଁ ପ୍ରସୂତି ପ୍ରସୁବିଧା ହାରରେ ମଜୁରି ସହ ଛୁଟି ପାଇବାକୁ ହକ୍‌ଦାର ହେବେ ।

ଗର୍ଭାବସ୍ଥା ପ୍ରସବ ସମୟପୂର୍ବ ଶିଶୁ ଜନ୍ମ ବା ଗର୍ଭପାତରୁ ଉଦ୍‌ଭବ ଅସୁସ୍ଥତାପାଇଁ ଛୁଟି ।

**10,** ଗର୍ଭାବସ୍ଥା ପ୍ରସବ, ସମୟପୂର୍ବ ଶିଶୁ ଜନ୍ମ ବା ଗର୍ଭପାତରୁ ଉଦ୍‌ଭବ ଅସୁସ୍ଥତାରେ ପୀଡ଼ିତ ଥିବା କୌଣସି ସ୍ତ୍ରୀ ଲୋକ ବିହିତ ହେବା ମତେ ପ୍ରମାଣ ଦାଖଲ କଲେ ଯଥାସ୍ଥିତି ଧାରା 6 ଅଧୀନରେ ବା ଧାରା 9 ଅଧୀନରେ ସେ ମଜୁରି ପ୍ରାପ୍ତ ଛୁଟି କାଳ ସମେତ ସର୍ବାଧିକ ଏକ ମାସ କାଳପାଇଁ ପ୍ରସୂତି ପ୍ରସୁବିଧା ହାରରେ ମଜୁରି ସହ ଛୁଟି ପାଇବାକୁ ହକ୍‌ଦାର ହେବ ।

ପୋଷଣାର୍ଥ ବିରାମ ।

**11.** ସନ୍ତାନ ଜନ୍ମ କରିଥିବା ପ୍ରତ୍ୟେକ ସ୍ତ୍ରୀ ଲୋକ ସେପରି ପ୍ରସବ ପରେ କର୍ତ୍ତବ୍ୟକୁ ଫେରି ଆସିଥିଲେ ତାଙ୍କୁ ବିଶ୍ରାମପାଇଁ ମଂଜୁରି ହୋଇଥିବା ଅବକାଶ କାଳ ସମେତ ସନ୍ତାନକୁ ପନ୍ଦର ମାସ ହେବା ପର୍ଯ୍ୟନ୍ତ ସନ୍ତାନ ପୋଷଣାର୍ଥ ତାଙ୍କୁ ତାଙ୍କର ଦୈନିକ କାର୍ଯ୍ୟକ୍ରମରେ ବିହିତ କାଳାବଧିର ଦୁଇଥର ବିରାମ ମିଳିବ ।

ଗର୍ଭାବସ୍ଥା ସମୟର ଅନୁପସ୍ଥିତି କାଳରେ ପଦଚ୍ୟୁତି ।

**12.** (1) କୌଣସି ସ୍ତ୍ରୀ ଲୋକ ଏହି ଅଧିନିୟମର ଉପବନ୍ଧ ଅନୁସାରେ କାର୍ଯ୍ୟରୁ ଅନୁପସ୍ଥିତ ରହିଥିବା ବେଳେ ସେପରି ଅନୁପସ୍ଥିତି କାଳରେ ବା ସେପରି ଅନୁପସ୍ଥିତି ହେତୁ ତାଙ୍କୁ କର୍ମମୁକ୍ତ ବା ପଦଚ୍ୟୁତ କରିବା କିମ୍ବା ଏପରି ଏକ ଦିନରେ କର୍ମମୁକ୍ତି ବା ପଦଚ୍ୟୁତିର ସୂଚନା ଦେବା ଯେପରିକି ସୂଚନା ଅନୁପସ୍ଥିତ କାଳ ମଧ୍ୟରେ ହିଁ ଅବସିତ ହୋଇଯାଏ, କିମ୍ବା ତାଙ୍କର ଚାକିରିର କୌଣସି ସର୍ତ୍ତାବଳୀରେ ତାଙ୍କର ଅସୁବିଧା ହେବାପରି କୌଣସି ପରିବର୍ତ୍ତନ କରିବା ତାଙ୍କର ନିଯୋକ୍ତାଙ୍କ ପକ୍ଷରେ ବିଧି ବିରୁଦ୍ଧ ହେବ ।

(2) (କ) କୌଣସି ସ୍ତ୍ରୀ ଲୋକର ଗର୍ଭାବସ୍ଥା କାଳର କୌଣସି ସମୟରେ ତାହାର କର୍ମମୁକ୍ତି ବା ପଦଚ୍ୟୁତି, ପ୍ରସୂତି ପ୍ରସୁବିଧା ବା ଚିକିତ୍ସୀୟ ବୋନସ୍‌ରୁ ତାଙ୍କୁ ବଞ୍ଚିତ କରିବାରେ ପ୍ରଭାବୀ ହେବ ନାହିଁ, ଯଦି ସ୍ତ୍ରୀ ଲୋକଟି ସେପରି କର୍ମମୁକ୍ତ ବା ପଦଚ୍ୟୁତ ହୋଇ ନ ଥିଲେ ଧାରା ୫ ରେ ନିର୍ଦ୍ଦେଶିତ ପ୍ରସୂତି ପ୍ରସୁବିଧା ବା ଚିକିତ୍ସୀୟ ବୋନସ୍‌କୁ ହକ୍‌ଦାର ହୋଇଥାନ୍ତା:

ପରନ୍ତୁ ଯେଉଁସ୍ଥଳେ ବିହିତ ଘୋର ଅସଦାଚରଣପାଇଁ ପଦଚ୍ୟୁତି ହୋଇଥାଏ ସେ ସ୍ଥଳେ ନିଯୋକ୍ତା ସ୍ତ୍ରୀ ଲୋକଙ୍କୁ ଲିଖିତ ଆଦେଶ ଦ୍ୱାରା ସଂସୂଚିତ କରି ତାଙ୍କୁ ପ୍ରସୂତି ପ୍ରସୁବିଧା ବା ଚିକିତ୍ସୀୟ ବୋନସ୍ ବା ଉଭୟରୁ ବଞ୍ଚିତ କରିପାରିବେ ।

(ଖ) ପ୍ରସୂତି ପ୍ରସୁବିଧା ବା ଚିକିତ୍ସୀୟ ବୋନସ୍ ବା ଉଭୟରୁ ବଞ୍ଚିତ କୌଣସି ସ୍ତ୍ରୀ ଲୋକ ଏହି ଅଧିନିୟମର ଉପବନ୍ଧ ଅନୁସାରେ ତାଙ୍କ କାମରେ ଅନୁପସ୍ଥିତ ଯୋଗୁଁ ଭାରମୁକ୍ତ ବା ବରଖାସ୍ତ ହେଲେ ସେପରି ବଞ୍ଚିତ ବା ଭାରମୁକ୍ତ ବା ବରଖାସ୍ତ ଆଦେଶକୁ ତାଙ୍କୁ ସଂସୂଚିତ ହେବା ତାରିଖ ଠାରୁ ଷାଠିଏ

ଦିନ ମଧ୍ୟରେ ବା ବିହିତ ହୋଇଥିବା ସେପରି ପ୍ରାଧିକାରୀଙ୍କୁ ଅପିଲ କରିପାରିବେ ଏବଂ ସେପରି ଅପିଲରେ ସ୍ତ୍ରୀ ଲୋକଟି ପ୍ରସୂତି ପ୍ରସୁବିଧା ବା ଚିକିତ୍ସୀୟ ବୋନସ ବା ଉଭୟରୁ ବଞ୍ଚିତ ହେବେ କି ନାହିଁ ବା ଭାରମୁକ୍ତ ବା ବରଖାସ୍ତ ହେବେ କି ନାହିଁ ସେ ବିଷୟରେ ସେହି ପ୍ରାଧିକାରୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

(ଗ) ଏହି ଉପଧାରାରେ ଥିବା କୌଣସି ବିଷୟ ଉପଧାରା (1)ରେ ଥିବା ଉପବନ୍ଧମାନଙ୍କୁ ପ୍ରଭାବିତ କରିବ ନାହିଁ ।

କେତେକ କ୍ଷେତ୍ରରେ ମଜୁରି କଟା ହେବ ନାହି ।

**13.** ଏହି ଅଧିନିୟମର ଉପବନ୍ଧମାନଙ୍କ ଅଧୀନରେ ପ୍ରସୂତି ପ୍ରସୁବିଧାକୁ ହକ୍‌ଦାର ସ୍ତ୍ରୀ ଲୋକର ସାଧାରଣ ଏବଂ ପ୍ରାୟିକ ଦୈନିକ ମଜୁରିରୁ କେବଳ:—

(କ) ଧାରା 4ର ଉପଧାରା (3)ରେ ଥିବା ଉପବନ୍ଧମାନଙ୍କ ବଳରେ ତାଙ୍କୁ ଅର୍ପିତ କାର୍ଯ୍ୟର ପ୍ରକୃତି ଯୋଗେ, କିମ୍ବା

(ଖ) ଧାରା 11ର ଉପବନ୍ଧ ଅଧୀନରେ ତାଙ୍କୁ ସନ୍ତାନର ପୋଷଣାର୍ଥ ଦିଆଯାଇଥିବା ବିରାମ ଯୋଗେ, କୌଣସି କାଟ କରାହେବ ନାହିଁ ।

ନିରୀକ୍ଷକ-ମାନଙ୍କର ନିଯୁକ୍ତି ।

**14.** ସମୁଚିତ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ନିରୀକ୍ଷକ ହେବାକୁ ସେ ଉପଯୁକ୍ତ ମନେକରୁଥିବା ସେପରି ଅଧିକାରୀଙ୍କୁ ନିଯୁକ୍ତ କରିପାରିବେ ଏବଂ ସେମାନେ ଏହି ଅଧିନିୟମ ଅଧୀନରେ ସେମାନଙ୍କର କୃତ୍ୟମାନ କେଉଁ ଅଧିକାରିତାର ସ୍ଥାନୀୟ ସୀମା ମଧ୍ୟରେ ପ୍ରୟୋଗ କରିପାରିବେ ତାହା ନିର୍ଦ୍ଦିଷ୍ଟ କରିପାରିବେ ।

ନିରୀକ୍ଷକ-ମାନଙ୍କର କ୍ଷମତା ଏବଂ କର୍ତ୍ତବ୍ୟମାନ ।

**15.** ଜଣେ ନିରୀକ୍ଷକ ବିହିତ ହେବାମତେ ନିର୍ବନ୍ଧନ ବା ସର୍ତ୍ତାବଳୀର ସାପେକ୍ଷତାରେ ନିମ୍ନୋକ୍ତ ସମସ୍ତ ବା କୌଣସି କ୍ଷମତା ପ୍ରୟୋଗ କରିପାରିବେ, ଯଥା :—

(କ) ସମସ୍ତ ସଙ୍ଗତ ସମୟରେ ସେ ଉପଯୁକ୍ତ ଭାବୁଥିବା ସହାୟକଙ୍କ ସହିତ ଯଦି କେହି ଥାଏ ଯେ କି ସରକାରୀ ବା କୌଣସି ସ୍ଥାନୀୟ ବା ଅନ୍ୟ ଲୋକ ପ୍ରାଧିକାରୀର ଚାକିରିରେ ଥିବା ବ୍ୟକ୍ତି ହୋଇଥିବେ କୌଣସି ପରିସର ବା ସ୍ଥାନ ଯହିଁରେ ସ୍ତ୍ରୀ ଲୋକ ନିଯୁକ୍ତ ହୋଇଥାଆନ୍ତି ବା କୌଣସି ସଂସ୍ଥାରେ ସେମାନଙ୍କୁ କାର୍ଯ୍ୟ ଦିଆହୋଇଥାଏ ତହିଁରେ ଏହି ଅଧିନିୟମ ଦ୍ୱାରା ବା ଅଧୀନରେ ରଖାଯିବା ବା ପ୍ରଦର୍ଶିତ ହେବା ଆବଶ୍ୟକ ଥିବା କୌଣସି ରେଜିଷ୍ଟର, ଅଭିଲେଖ ଏବଂ ସୂଚନା ପରୀକ୍ଷା କରିବା ପ୍ରୟୋଜନରେ ପ୍ରବେଶ କରିପାରିବେ ଏବଂ ନିରୀକ୍ଷଣ ପାଇଁ ସେସବୁର ଦାଖଲ ଆବଶ୍ୟକ କରିପାରିବେ,

(ଖ) କୌଣସି ପରିସର ବା ସ୍ଥାନରେ ସେ ଯେଉଁ ବ୍ୟକ୍ତିଙ୍କୁ ଦେଖନ୍ତି ଏବଂ ଯେ କି ସେହି ସଂସ୍ଥାରେ ନିଯୁକ୍ତ ଥିବାର ବିଶ୍ୱାସ କରିବାକୁ ତାଙ୍କର ପର୍ଯ୍ୟାପ୍ତ କାରଣ ଥାଏ ତାଙ୍କୁ ପରୀକ୍ଷା କରିପାରିବେ:

ପରନ୍ତୁ କୌଣସି ବ୍ୟକ୍ତିଙ୍କୁ ନିଜକୁ ଅଭିଯୁକ୍ତ କରୁଥିବାଭଳି କୌଣସି ପ୍ରଶ୍ନର ଉତ୍ତର ଦେବାକୁ ବା କୌଣସି ସାକ୍ଷ୍ୟ ଦେବାକୁ ଏହି ଧାରା ଅଧୀନରେ ବାଧ୍ୟ କରାଯିବ ନାହିଁ ।

(ଗ) ନିଯୁକ୍ତ ସ୍ତ୍ରୀ ଲୋକମାନଙ୍କର ନାମ ଏବଂ ଠିକଣା, ତାଙ୍କୁ କରାହୋଇଥିବା ପ୍ରଦାନ ଏବଂ ଏହି ଅଧିନିୟମ ଅଧୀନରେ ତାଙ୍କଠାରୁ ପ୍ରାପ୍ତ ଦରଖାସ୍ତ ଏବଂ ସୂଚନା ସଂକ୍ରାନ୍ତରେ ଖବର ନେବାକୁ ନିଯୋକ୍ତାଙ୍କୁ ଆବଶ୍ୟକ କରିପାରିବେ, ଏବଂ

(ଘ) କୌଣସି ରେଜିଷ୍ଟର ଓ ଅଭିଲେଖ ବା ସୂଚନାର ବା ତାହାର କୌଣସି ଅଂଶର ନକଲ ନେଇପାରିବେ ।

ନିରୀକ୍ଷକମାନେ ଲୋକ ସେବକ ହେବେ ।

**16,** ଏହି ଅଧିନିୟମ ଅଧୀନରେ ନିଯୁକ୍ତ ପ୍ରତ୍ୟେକ ନିରୀକ୍ଷକ ଭାରତୀୟ ଦଣ୍ଡ ସଂହିତାର ଧାରା 21ର ଅର୍ଥ ଅନୁଯାୟୀ ଲୋକ ସେବକ ଅଟନ୍ତି ବୋଲି ବିବେଚିତ ହେବେ ।

ସଂଦାୟ ପାଇଁ ନିର୍ଦ୍ଦେଶ ଦେବାକୁ ନିରୀକ୍ଷକଙ୍କ କ୍ଷମତା ।

**17.** (1) (କ) ଏହି ଅଧିନିୟମ ଅଧୀନରେ କୌଣସି ପ୍ରସୂତି ପ୍ରସୁବିଧା ବା କୌଣସି ଅନ୍ୟ ପରିମାଣ ପାଇଁ ହକ୍‌ଦାର ସ୍ତ୍ରୀ ଲୋକ ଏବଂ ଧାରା 7 ଅଧୀନରେ ପ୍ରାପ୍ୟ ପାଇଁ ଦାବି କରୁଥିବା ବ୍ୟକ୍ତି ଉକ୍ତ ସଂଦାୟ ଅନୁଚିତ ଭାବରେ ବିଧାରିତ ହୋଇଛି ବୋଲି,

(ଖ) ତାଙ୍କର ନିଯୋକ୍ତା ଏହି ଅଧିନିୟମର ଉପବନ୍ଧ ଅନୁସାରେ କାମରେ ତାଙ୍କର ଅନୁପସ୍ଥିତି ଯୋଗୁଁ ବା ତା'ଭିତରେ ତାଙ୍କର ନିଯୋକ୍ତା ତାଙ୍କୁ ଭାରମୁକ୍ତ ବା ବରଖାସ୍ତ କରିଛନ୍ତି ବୋଲି,

ଦାବି କରୁଥିବା କୌଣସି ସ୍ତ୍ରୀ ଲୋକ ନିରୀକ୍ଷକଙ୍କ ନିକଟରେ ଏକ ଅଭିଯୋଗ କରିପାରିବେ ।

(୨) ନିରୀକ୍ଷକ ସ୍ୱତଃପ୍ରବୃତ୍ତ ହୋଇ ବା ଉପଧାରା (୧)ରେ ସୂଚିତ ଅଭିଯୋଗ ପାଇଲା ପରେ ତଦନ୍ତ କରି ପାରିବେ ବା ତଦନ୍ତ କରାଇପାରିବେ ଏବଂ ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ,—

(କ) ସଂଦାୟ ଦୋଷାବହଭାବେ ବିଧାରିତ ହୋଇଅଛି ତାହାହେଲେ ତାଙ୍କ ଆଦେଶ ଅନୁସାରେ ସଂଦାୟ କରାହେବାକୁ ନିର୍ଦ୍ଦେଶ ଦେଇପାରିବେ ;

(ଖ) ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଆନୁସାରେ ତାଙ୍କର କାମରେ ଅନୁପସ୍ଥିତ ମଧ୍ୟରେ ବା ଯୋଗୁଁ ତାଙ୍କୁ ଭାରମୁକ୍ତ ବା ବରଖାସ୍ତ କରାଯାଇଥିଲେ ମାମଲାର ପରିସ୍ଥିତି ଦୃଷ୍ଟେ ସେପରି ନ୍ୟାୟସଙ୍ଗତ ଏବଂ ଉଚିତ ଆଦେଶ କରି ପାରିବେ ।

(୩) କୌଣସି ବ୍ୟକ୍ତି ଉପଧାରା (୨) ଅଧୀନରେ ନିରୀକ୍ଷକଙ୍କ ନିଷ୍ପତ୍ତିରେ କ୍ଷୁବ୍ଧ ହେଲେ ସେହି ନିଷ୍ପତ୍ତି ତାହାଙ୍କୁ ସମୁଚିତ ହେବା ତାରିଖଠାରୁ ତିରିଶ ଦିନ ମଧ୍ୟରେ ବିହିତ ପ୍ରାଧିକାରୀଙ୍କ ସମକ୍ଷରେ ଅପିଲ କରିପାରିବେ ।

(4) ଉପଧାରା (୩) ଅଧୀନରେ ଅପିଲ ଦାଏର ହୋଇଥିବା ବିହିତ ପ୍ରାଧିକାରୀଙ୍କ ନିଷ୍ପତ୍ତି କିମ୍ବା ଏପରି କୌଣସି ଅପିଲ ଦାଏର ହୋଇନଥିଲେ ନିରୀକ୍ଷକଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

(5) ଏହି ଧାରା ଅଧୀନରେ ପ୍ରଦେୟ କୌଣସି ପରିମାଣ ନିରୀକ୍ଷକଙ୍କ ଦ୍ୱାରା ସେପରି ପରିମାଣ ପାଇଁ ଦିଆଯାଇ ଥିବା ଏକ ସାର୍ଟିଫିକେଟ ଦ୍ୱାରା ଜିଲ୍ଲାପାଳଙ୍କ ଦ୍ୱାରା ବକେୟା ଭୂ-ରାଜସ୍ୱ ପରି ଆଦାୟ ଯୋଗ୍ୟ ହେବ ।

ପ୍ରସୂତି ପ୍ରସୁବିଧାର ସମ୍ପହରଣ ।

**18.** କୌଣସି ସ୍ତ୍ରୀ ଲୋକ ଧାରା 6 ର ଉପବନ୍ଧ ଅଧୀନରେ ଅନୁପସ୍ଥିତ ରହିବାକୁ ତାଙ୍କର ନିଯୋକ୍ତାଙ୍କଠାରୁ ଅନୁମତି ପାଇବା ପରେ ଯଦି କୌଣସି ସଂସ୍ଥାରେ ସେପରି ପ୍ରାଧିକୃତ ଅନୁପସ୍ଥିତି କାଳରେ କୌଣସି ସମୟ ପାଇଁ କାର୍ଯ୍ୟ କରନ୍ତି ତାହାହେଲେ ସେହି ସମୟ ପାଇଁ ପ୍ରସୂତି ପ୍ରସୁବିଧା ନିମିତ୍ତ ତାଙ୍କର ଦାବି ହରାଇବେ ।

ଅଧିନିୟମ ଏବଂ ତଦ୍‌ଧୀନ ନିୟମାବଳୀର ସଂକ୍ଷିପ୍ତି ପ୍ରଦର୍ଶିତ ହେବ ।

**19.** ଏହି ଅଧିନିୟମର ଏବଂ ତଦ୍‌ଧୀନ ପ୍ରଣୀତ ନିୟମାବଳୀର ଉପବନ୍ଧମାନଙ୍କର ଏକ ସଂକ୍ଷିପ୍ତ ସ୍ଥାନୀୟ ଭାଷା ବା ଭାଷାମାନଙ୍କରେ ନିଯୋକ୍ତାଙ୍କ ଦ୍ୱାରା ସ୍ତ୍ରୀ ଲୋକ ନିଯୁକ୍ତ ହୋଇଥିବା ସଂସ୍ଥାର ପ୍ରତ୍ୟେକ ଭାଗରେ ସୁସ୍ପଷ୍ଟ ସ୍ଥାନରେ ପ୍ରଦର୍ଶିତ ହେବ ।

ରେଜିଷ୍ଟର ପ୍ରଭୃତି ।

**20** ପ୍ରତ୍ୟେକ ନିଯୋକ୍ତା ଯେପରି ବିହିତ ହେବ ସେପରି ରେଜିଷ୍ଟର, ଅଭିଲେଖ ଏବଂ ମଷ୍ଟର ରୋଲମାନ ସେପରି ପ୍ରଣାଳୀରେ ପ୍ରସ୍ତୁତ କରିବେ ଏବଂ ରଖିବେ ।

ନିଯୋକ୍ତାଙ୍କ ଦ୍ୱାରା ଅଧିନିୟମର ଉଲ୍ଲଙ୍ଘନ ପାଇଁ ଶାସ୍ତି ।

**21.** (୧) ଏହି ଅଧିନିୟମ ଅନୁଯାୟୀ ହକ୍‌ଦାର କୌଣସି ସ୍ତ୍ରୀ ଲୋକଙ୍କୁ ଯଦି ନିଯୋକ୍ତା ପ୍ରସୂତି ପ୍ରସୁବିଧାର ପରିମାଣ ପ୍ରଦାନ କରିବାରେ ବିଫଳ ହୁଅନ୍ତି ବା ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅନୁସାରେ ତାଙ୍କ କାମରେ ଅନୁପସ୍ଥିତ ମଧ୍ୟରେ ବା ଯୋଗୁଁ ତାଙ୍କୁ ଭାରମୁକ୍ତ ବା ବରଖାସ୍ତ କରନ୍ତି ତେବେ ସେ 3 ମାସରୁ ଊଣା ହୋଇ ନ ଥିବା କାରାବାସରେ ଯାହାକି ଏକ ବର୍ଷ ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ ଏବଂ ଦୁଇ ହଜାର ଟଙ୍କାରୁ ଊଣା ହୋଇ ନ ଥିବା ଯାହା ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ ସେପରି ଜୋରିମାନାରେ ଦଣ୍ଡନୀୟ ହେବେ :

ପରନ୍ତୁ ନ୍ୟାୟାଳୟ ଲିଖିତଭାବେ ଯଥେଷ୍ଟ କାରଣଗୁଡ଼ିକୁ ଅଭିଲିଖିତ କରି ଅଳ୍ପ ଅବଧି ପାଇଁ କାରାବାସର ଦଣ୍ଡାଦେଶ ଆରୋପ କରିପାରିବେ ବା କାରାବାସ ପରିବର୍ତ୍ତେ ଖାଲି ଜୋରିମାନା କରିପାରିବେ ।

(୨) ଯଦି କୌଣସି ନିଯୋକ୍ତା ଏହି ଅଧିନିୟମର ବା ତଦଧୀନ ପ୍ରଣୀତ ନିୟମାବଳୀର ଉପବନ୍ଧମାନଙ୍କର ଉଲ୍ଲଙ୍ଘନ କରନ୍ତି ତେବେ ଏହି ଅଧିନିୟମ ଦ୍ୱାରା ବା ଅଧୀନରେ ଯଦି ଅନ୍ୟ କୌଣସି ଶାସ୍ତି ଅନ୍ୟଥା ଉପବନ୍ଧିତ ହୋଇନଥାଏ ସେପରି ଉଲ୍ଲଙ୍ଘନ ପାଇଁ ଏକ ବର୍ଷ ପର୍ଯ୍ୟନ୍ତ କାରାବାସରେ ବା ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟରେ ଦଣ୍ଡନୀୟ ହେବେ :

ପରନ୍ତୁ ଯେଉଁଠି ପ୍ରସୂତି ପ୍ରସୁବିଧା ସମ୍ପର୍କୀୟ ବା ଅନ୍ୟ କୌଣସି ପରିମାଣର ସଂଦାୟ ସମ୍ପର୍କୀୟ କୌଣସି ଉପବନ୍ଧର ଉଲ୍ଲଙ୍ଘନ ହୋଇଥାଏ ଏବଂ ସେପରି ପ୍ରସୂତି ପ୍ରସୁବିଧା ବା ପରିମାଣ ସଂଦାୟ ହୋଇସାରି ନ ଥାଏ ତେବେ ନ୍ୟାୟାଳୟ ସେପରି ପ୍ରସୂତି ପ୍ରସୁବିଧା ବା ପରିମାଣ ଏକ ଜୋରିମାନା ହେଲା ପରି ଆଦାୟ କରିବେ ଏବଂ ତାହା ପାଇଁ ହକ୍‌ଦାର ବ୍ୟକ୍ତିଙ୍କୁ ତାହା ପ୍ରଦାନ କରିବେ ।

ନିରୀକ୍ଷକଙ୍କୁ ବାଧା ଦେବା ପାଇଁ ଶାସ୍ତି ।

**22.** ଯେ କେହି ଏହି ଅଧିନିୟମ ବା ତଦ୍‌ଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ତାଙ୍କ ଅଭିରକ୍ଷାରେ ଥିବା କୌଣସି ରେଜିଷ୍ଟର ବା ଦଲିଲ ନିରୀକ୍ଷକ ଗ୍ରହିଁଲେ ତାଙ୍କ ନିକଟରେ ଦାଖଲ ନ କରନ୍ତି ବା ଲୁଗ୍ଇ ରଖନ୍ତି କିମ୍ବା ନିରୀକ୍ଷକଙ୍କ ସମକ୍ଷରେ ହାଜର ହେବାକୁ ବା ପରୀକ୍ଷା କରାହେବାକୁ କୌଣସି ବ୍ୟକ୍ତିଙ୍କୁ ନିବାରିତ କରନ୍ତି ସେ ଏକ ବର୍ଷ ପର୍ଯ୍ୟନ୍ତ ବ୍ୟାପ୍ୟ କାରାବାସରେ ବା ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନାରେ ବା ଉଭୟରେ ଦଣ୍ଡନୀୟ ହେବେ ।

ଅପରାଧର ସଂଜ୍ଞାନ ।

**23.** (1) କୌଣସି ବ୍ୟଥିତ ସ୍ତ୍ରୀ ଲୋକ ବ୍ୟାପାର ସଂଘ ଅଧିନିୟମ, 1926 ଅଧୀନରେ ରେଜିଷ୍ଟ୍ରିଭୁକ୍ତ ହୋଇଥିବା କୌଣସି ବ୍ୟାପାର ସଂଘର କୌଣସି ପଦାଧିକାରୀ ସେପରି ସ୍ତ୍ରୀ ଲୋକ ଯାହାର ସଦସ୍ୟ ଥିବେ ବା ସୋସାଇଟି ରେଜିଷ୍ଟ୍ରି-କରଣ ଅଧିନିୟମ, 1860 ଅଧୀନରେ ରେଜିଷ୍ଟ୍ରିଭୁକ୍ତ କୌଣସି ସ୍ୱେଚ୍ଛାସେବୀ ସଂଗଠନ ବା କୌଣସି ନିରୀକ୍ଷକ କୌଣସି ସକ୍ଷମ ଅଧିକାରିତାସମ୍ପନ୍ନ ନ୍ୟାୟାଳୟରେ ସଂଘଟିତ ଏକ ଅପରାଧ ସମ୍ପର୍କରେ ଏହି ଅଧିନିୟମ ଅଧୀନରେ ଏକ ଫରିଆଦ ଦାୟର କରିପାରିବେ ଏବଂ ଯେଉଁ ତାରିଖରେ ସେହି ଅପରାଧଟି ଘଟିଲା ବୋଲି ଅଭିକଥିତ ହେଲା ସେହି ତାରିଖରୁ ଏକ ବର୍ଷର ପର୍ଯ୍ୟବସାନ ପରେ ସେପରି ଫରିଆଦ ଦାୟର ହେବନାହିଁ ।

(2) ଏହି ଅଧିନିୟମ ଅଧୀନରେ କୌଣସି ଅପରାଧ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ନ୍ୟାୟାଳୟରୁ ନ୍ୟୂନତର କୌଣସି ନ୍ୟାୟାଳୟ ବିଗ୍ରର କରିବେ ନାହିଁ ।

ସଦ୍‌ଭାବ ପୂର୍ବକ କରାହୋଇଥିବା କାର୍ଯ୍ୟାନୁଷ୍ଠାନର ସଂରକ୍ଷଣ ।

**24.** କୌଣସି ବ୍ୟକ୍ତି ବିରୁଦ୍ଧରେ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କୌଣସି ନିୟମ ବା ଆଦେଶ ଅନୁସାରେ ସଦ୍‌ଭାବପୂର୍ବକ କରାହୋଇଥିବା ବା କରାହେବାକୁ ଉଦ୍ଦିଷ୍ଟ କୌଣସି କାର୍ଯ୍ୟପାଇଁ କୌଣସି ମୋକଦ୍ଦମା, ଅଭିଯୋଜନ ବା ଅନ୍ୟ ବିଧିକ କାର୍ଯ୍ୟବାହୀ ଚଳିବ ନାହିଁ ।

ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ସରକାରଙ୍କ କ୍ଷମତା ।

**25.** କେନ୍ଦ୍ର ସରକାର ଏହି ଅଧିନିୟମର ଉପବନ୍ଧମାନଙ୍କର ନିର୍ବହନ ସଂକ୍ରାନ୍ତରେ ସେ ଆବଶ୍ୟକ ବିବେଚନା କରୁଥିବାମତେ ନିର୍ଦ୍ଦେଶମାନ ରାଜ୍ୟ ସରକାରଙ୍କୁ ଦେଇ ପାରିବେ ଏବଂ ରାଜ୍ୟ ସରକାର ଏପରି ନିର୍ଦ୍ଦେଶମାନ ପାଳନ କରିବେ ।

ସଂସ୍ଥାମାନଙ୍କୁ ଛାଡ଼ ଦେବାକୁ କ୍ଷମତା ।

**26.** ସମୁଚିତ ସରକାରଙ୍କର ଯଦି ହୃଦବୋଧ ହୁଏ ଯେ ଏହି ଅଧିନିୟମରେ ଉପବନ୍ଧିତ ହୋଇଥିବା ଅପେକ୍ଷା କମ୍ ଅନୁକୂଳ ହୋଇନଥିବା ପ୍ରସୁବିଧା ଦେବା ପାଇଁ ବ୍ୟବସ୍ଥା କରିଥିବା କୌଣସି ସଂସ୍ଥା ବା ଶ୍ରେଣୀର ସଂସ୍ଥାକୁ ଦୃଷ୍ଟିରେ ରଖି ଏହା କରାଯିବା ଆବଶ୍ୟକ ଅଟେ ତେବେ ସେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଅଧିସୂଚନାରେ ଉଲ୍ଲିଖିତ ପ୍ରକାରେ ସେପରି ସର୍ତ୍ତାବଳୀ ଏବଂ ନିର୍ବନ୍ଧନର ସାପେକ୍ଷତାରେ ଯଦି କିଛିଥାଏ ଏହି ଅଧିନିୟମର ବା ତତ୍‌ଧୀନ ପ୍ରଣୀତ କୌଣସି ନିୟମର ସମସ୍ତ ବା କୌଣସି ଉପବନ୍ଧମାନଙ୍କ ପ୍ରବର୍ତ୍ତନରୁ ସେହି ସଂସ୍ଥା ବା ଶ୍ରେଣୀର ସଂସ୍ଥାକୁ ଛାଡ଼ କରିପାରିବେ ।

ଏହି ଅଧିନିୟମ ସହ ଅସଙ୍ଗତ ବିଧି ଏବଂ କରାରମାନଙ୍କର ପ୍ରଭାବ ।

**27.** (1) ଅନ୍ୟ କୌଣସି ବିଧିରେ ବା ଏହି ଅଧିନିୟମ ପ୍ରବୃତ୍ତ ହେବା ପୂର୍ବରୁ ବା ପରେ କରାଯାଇଥିବା କୌଣସି ଅଧିନିର୍ଣ୍ଣୟ, କରାର ବା ସେବା ସଂବିଦାର ସର୍ତ୍ତାବଳୀରେ ଏଥିସହିତ ଅସଙ୍ଗତ କୌଣସି ବିଷୟ ଥିବା ସତ୍ତ୍ୱେ ଏହି ଅଧିନିୟମର ଉପବନ୍ଧମାନ ପ୍ରଭାବୀ ହେବ :

ପରନ୍ତୁ ଯେଉଁ ସ୍ଥଳେ ଏପରି କୌଣସି ଅଧିନିର୍ଣ୍ଣୟ, କରାର ବା ସେବା ସଂବିଦା ଅଧୀନରେ ବା ଅନ୍ୟଥା କୌଣସି ସ୍ତ୍ରୀ ଲୋକ କୌଣସି ବିଷୟ ସଂକ୍ରାନ୍ତରେ ଏହି ଅଧିନିୟମ ଅଧୀନରେ ସେ ହକ୍‌ଦାର ଥିବା ଅପେକ୍ଷା ତାଙ୍କୁ ଅଧିକତର ଅନୁକୂଳ ହେଉଥିବା ପ୍ରସୁବିଧା ପ୍ରତି ହକ୍‌ଦାର ହୋଇଥାନ୍ତି ସେ ସ୍ଥଳେ ଏହି ଅଧିନିୟମ ଅଧୀନରେ ଅନ୍ୟ ବିଷୟ ସଂକ୍ରାନ୍ତରେ ପ୍ରସୁବିଧା ପାଇବାକୁ ସେ ହକ୍‌ଦାର ହୋଇଥିଲେ ହେଁ ସେହି ବିଷୟ ସଂକ୍ରାନ୍ତରେ ଅଧିକତର ଅନୁକୂଳ ପ୍ରସୁବିଧା ପାଇଁ ହକ୍‌ଦାର ହେବେ ।

(2) ଏହି ଅଧିନିୟମରେ ଥିବା କୌଣସି ବିଷୟ କୌଣସି ସ୍ତ୍ରୀ ଲୋକ ତାଙ୍କର ନିଯୋକ୍ତା ସହ କୌଣସି ବିଷୟ ସଂକ୍ରାନ୍ତରେ ଏହି ଅଧିନିୟମ ଅଧୀନରେ ସେ ହକ୍‌ଦାର ଥିବା ଅପେକ୍ଷା ଅଧିକ ଅନୁକୂଳ ହେଉଥିବା ଅଧିକାର ବା ବିଶେଷାଧିକାର ତାଙ୍କୁ ଦେବା ପାଇଁ କୌଣସି କରାର କରିବାରେ ଏହି ଅଧିନିୟମରେ ଥିବା କୌଣସି ବିଷୟ ତାହାଙ୍କୁ ପ୍ରବାରିତ କରୁଅଛି ବୋଲି ବୁଝାଯିବ ନାହିଁ ।

ନିୟମାବଳୀ ପ୍ରଣୟନ କରିବାକୁ କ୍ଷମତା ।

**28.** (1) ସମୁଚିତ ସରକାର ପୂର୍ବ ପ୍ରକାଶନର ସର୍ତ୍ତର ସାପେକ୍ଷତାରେ ଏବଂ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ପ୍ରୟୋଜନମାନ ପାଳନ କରିବା ପାଇଁ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷରେ ଏବଂ ପୂର୍ବଗାମୀ କ୍ଷମତାର ବ୍ୟାପକତା ଉପରେ ଆଂଚ ନ ଆଣି ଏପରି ନିୟମାବଳୀ ନିମ୍ନୋକ୍ତ ବିଷୟ ଉପବଂଧିତ କରିପାରିବ, ଯଥା––

(କ) ରେଜିଷ୍ଟର, ଅଭିଲେଖ ଏବଂ ମଷ୍ଟର ରୋଲର ପ୍ରସ୍ତୁତି ଏବଂ ରକ୍ଷଣ,

(ଖ) କ୍ଷମତାର ପ୍ରୟୋଗ (ସଂସ୍ଥାର ନିରୀକ୍ଷଣ ସମେତ) ଏବଂ ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ନିରୀକ୍ଷକମାନଙ୍କ ଦ୍ୱାରା କର୍ତ୍ତବ୍ୟର ସଂପାଦନ,

(ଗ) ଏହି ଅଧିନିୟମ ଅଧୀନରେ ପ୍ରସୂତି ପ୍ରସୁବିଧା ଏବଂ ଅନ୍ୟ ପ୍ରସୁବିଧାର ସଂଦାୟର ପ୍ରଣାଳୀ ଯାହା ପାଇଁ କି ଏହି ଅଧିନିୟମରେ ଏପରି ଉପବଂଧ ହୋଇନାହିଁ,

(ଘ) ଧାରା 6 ଅଧୀନ ସୂଚନାର ଫର୍ମ,

(ଙ) ଏହି ଅଧିନିୟମର ଉପବନ୍ଧ ଅଧୀନରେ କେଉଁ ପ୍ରକାର ପ୍ରମାଣ ଆବଶ୍ୟକ,

(ଚ) ଧାରା 11ରେ ନିର୍ଦ୍ଦେଶିତ ପୋଷଣାର୍ଥ ବିରାମର କାଳାବଧି,

(ଛ) ଧାରା 12ର ପ୍ରୟୋଜନ ନିମିତ୍ତ କେଉଁ କାର୍ଯ୍ୟ କଲେ ଘୋର ଅସଦାଚରଣ ହେବ,

(ଜ) ଧାରା 12ର ଉପଧାରା (2)ର ଖଣ୍ଡ (ଖ) ଅଧୀନରେ କେଉଁ ଅଧିକାରୀଙ୍କ ନିକଟରେ ଅପିଲ ଦାଏର ହେବ; ଏପରି ଅପିଲ କେଉଁ ଫର୍ମରେ ଏବଂ ପ୍ରଣାଳୀରେ କରାହୋଇ ପାରିବ ଏବଂ ତାହାର ଫଏସଲାରେ କେଉଁ ପ୍ରକ୍ରିୟା ଅନୁସୃତ ହେବ,

(ଝ) ଧାରା 17 ଅଧୀନରେ ନିରୀକ୍ଷକଙ୍କ ନିଷ୍ପତ୍ତି ବିରୁଦ୍ଧରେ କେଉଁ ଅଧିକାରୀଙ୍କ ନିକଟରେ ଅପିଲ୍ ଦାଏର ହେବ; ଏପରି ଅପିଲ କେଉଁ ଫର୍ମରେ ଏବଂ ପ୍ରଣାଳୀରେ କରାହୋଇ ପାରିବ ଏବଂ ତାହାର ଫଏସଲାରେ କେଉଁ ପ୍ରକ୍ରିୟା ଅନୁସୃତ ହେବ,

(ଞ) ଧାରା 17ର ଉପଧାରା (1) ଅଧୀନରେ କେଉଁ ଫର୍ମରେ ଏବଂ ପ୍ରଣାଳୀରେ ନିରୀକ୍ଷକଙ୍କ ପାଖରେ ଅଭିଯୋଗ କରାଯାଇ ପାରିବ ଏବଂ ସେହି ଧାରାର ଉପଧାରା (2) ଅଧୀନରେ କରାଯିବାକୁ ଥିବା ତଦନ୍ତ କରାହେବାବେଳେ ବା ତଦନ୍ତ କରାଇବାବେଳେ ସେମାନଙ୍କ ଦ୍ୱାରା କେଉଁ ପ୍ରକ୍ରିୟା ଅନୁସୃତ ହେବ,

(ଟ) ବିହିତ ହୋଇଥିବା ବା ହୋଇ ପାରିବା ଅନ୍ୟ କୌଣସି ବିଷୟ ।

(3) ଏହି ଧାରା ଅଧୀନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ ଏହା ପ୍ରଣୀତ ହେବା ପରେ ଯଥାସମ୍ଭବ ଶୀଘ୍ର ସଂସଦ ସତ୍ରରେ ଥିବାବେଳେ ତିରିଶ ଦିନର ଏକ ମୋଟ କାଳାବଧି ପାଇଁ ଯେଉଁ କାଳାବଧି କି ଗୋଟିଏ ସତ୍ର ବା ଦୁଇ ବା ତତୋଧିକ କ୍ରମବର୍ତ୍ତୀ ସତ୍ରରେ ସମାବିଷ୍ଟ ହୋଇପାରେ, ସଂସଦର ପ୍ରତ୍ୟେକ ସଦନରେ ଉପସ୍ଥାପିତ ହେବ ଏବଂ ଯଦି ସେହି ସତ୍ରର ଅବ୍ୟବହିତ ପରବର୍ତ୍ତୀ ସତ୍ରର ବା କ୍ରମବର୍ତ୍ତୀ ସତ୍ରର ସମାପ୍ତି ପୂର୍ବରୁ ନିୟମଟିରେ ରୂପଭେଦନ କରିବା ଲାଗି ଉଭୟ ସଦନ ସମ୍ମତ ହୁଅନ୍ତି କିମ୍ବା ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ ବୋଲି ଉଭୟ ସଦନ ସମ୍ମତ ହୁଅନ୍ତି ତାହାହେଲେ ତାହାପରେ ନିୟମଟି, ଯଥାସ୍ଥିତି, କେବଳ ସେପରି ରୂପଭେଦିତ ଆକାରରେ ପ୍ରଭାବୀ ହେବ ଅଥବା ପ୍ରଭାବୀ ହେବନାହିଁ କିନ୍ତୁ ସେପରି ରୂପଭେଦନ ବା ବାତିଲିକରଣ ସେହି ନିୟମ ଅଧୀନରେ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବୈଧତା ପ୍ରତି ଆଞ୍ଚ ଆଣିବନାହିଁ ।

1951ର ଅଧିନିୟମ 69ର ସଂଶୋଧନ ।

**29.** ବଗିଚ୍ଚ ଶ୍ରମ ଅଧିନିୟମ, 1951ର ଧାରା 32ରେ––

(କ) ଉପଧାରା (1)ରେ "ଅସୁସ୍ଥତା ସ୍ଥଳେ" ଶବ୍ଦମାନଙ୍କ ପୂର୍ବରୁ ଅକ୍ଷର ଏବଂ ବନ୍ଧନୀ "(କ)" "ବେମାରୀ ଭତ୍ତା" ଶବ୍ଦମାନଙ୍କ ପରେ "ଏବଂ" ଶବ୍ଦମାନ ଏବଂ ଖଣ୍ଡ (ଖ) ଲୋପ ହେବ,

(ଖ) ଉପଧାରା (2)ରେ "ବା ପ୍ରସୂତି" ଶବ୍ଦମାନ ଲୋପ ହେବ ।

ନିରସନ

**30.** ଏହି ଅଧିନିୟମ––

*(i)* ଖଣିକୁ ଲାଗୁ ହେଲେ ଦି ମାଇନ୍ସ ମେଟର୍ନିଟୀ ବେନିଫିଟ୍ ଆକ୍ଟ, 1941; ଏବଂ

*(ii)* ଦିଲ୍ଲୀର ସଂଘ ରାଜ୍ୟ କ୍ଷେତ୍ରରେ ଅବସ୍ଥିତ କାରଖାନାକୁ ଲାଗୁ ହେଲେ ସେହି ରାଜ୍ୟ କ୍ଷେତ୍ରରେ ପ୍ରବୃତ୍ତ ଥିବା ବମ୍ବେ ମେଟର୍ନିଟୀ ବେନିଫିଟ୍ ଆକ୍ଟ, 1929 ନିରସିତ ହେବ ।